# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**1 October - 2024**

**News Editor : Itishree Singh Rathaur**

**********************************

## ମୁଖ୍ୟ ସମ୍ବାଦ

- ସ୍ୱଚ୍ଛ ଭାରତ ମିଶନର ୧୦ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତାକାଲି ୯ ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ଏବଂ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ

- ରାଜ୍ୟ ସରକାର ୩ କୋଟି ଲୋକଙ୍କୁ ସ୍ୱାସ୍ଥ୍ୟକାର୍ଡ ମାଧ୍ୟମରେ ନିଶୁଳ୍କ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଲକ୍ଷ୍ୟ ରଖିଛନ୍ତି; କହିଲେ ସ୍ୱାସ୍ଥ୍ୟମନ୍ତ୍ରୀ

- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲିଠାରୁ ୨ ଦିନିଆ ଦିଲ୍ଲୀ ଗସ୍ତରେ ଯିବେ

ଏବଂ

- ବରିଷ୍ଠ ନାଗରିକମାନଙ୍କର ଅଭିଜ୍ଞତା ଏବଂ ବୁଦ୍ଧିମତାକୁ ସମ୍ମାନ ପ୍ରଦର୍ଶନ କରି ଆଜି ପାଳନ କରାଯାଉଛି ବରିଷ୍ଠ ନାଗରିକ ଦିବସ

## ପିଏମ୍-ସ୍ୱଚ୍ଛ ଭାରତ ମିଶନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀରେ ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱଚ୍ଛ ଭାରତ ମିଶନର ଦଶମ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ଅବସରରେ  ପ୍ରଧାନମନ୍ତ୍ରୀ ସ୍ୱଚ୍ଛତା ସହ ସମ୍ପର୍କିତ ୯ ହଜାର ୬୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ତଥା ଶିଳାନ୍ୟାସ କରିବେ। ଏଥିରେ ଅମୃତ ୨.୦, ଗୋବର୍ଦ୍ଧନ ଯୋଜନା ଆଦି ସାମିଲ ରହିଛି। ଆସନ୍ତାକାଲି ସକାଳ ୯ଟାରୁ ୧୦ଟା ପର୍ଯ୍ୟନ୍ତ ସ୍ୱଚ୍ଛତା ପାଇଁ ଶ୍ରମଦାନ କରିବାକୁ ଜଳଶକ୍ତି ମନ୍ତ୍ରୀ ସି.ଆର.ପାଟିଲ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ଚଳିତବର୍ଷ 'ସ୍ୱଭାବ ସ୍ୱଚ୍ଛତା-ସଂସ୍କାର ସ୍ୱଚ୍ଛତା' ବାର୍ତ୍ତା ନେଇ ସ୍ୱଚ୍ଛତା ହିଁ ସେବା ଅଭିଯାନ ପାଳନ କରାଯାଉଛି। ସୂଚନା ଅନୁସାରେ, ଦେଶବ୍ୟାପୀ ଏପର୍ଯ୍ୟନ୍ତ ସ୍ୱଚ୍ଛତା ହିଁ ସେବା ଅଭିଯାନରେ ୨୫ ଲକ୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ରମ ଆୟୋଜନ ହୋଇଛି।

## ଆୟୁଷ୍ମାନ ଭାରତ ଯୋଜନା

ରାଜ୍ୟରେ ଖୁବ୍ ଶୀଘ୍ର ଆୟୁଷ୍ମାନ ଭାରତ ଏବଂ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଲାଗୁ ହେବ। ରାଜ୍ୟର ୧ କୋଟି ପରିବାରର ସାଢ଼େ ୩ କୋଟି ଲୋକଙ୍କୁ ସ୍ୱାସ୍ଥ୍ୟକାର୍ଡ ମାଧ୍ୟମରେ ନିଶୁଳ୍କ ସ୍ୱାସ୍ଥ୍ୟସେବା ଯୋଗାଇଦେବାପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ଡକ୍ଟର ମହାଲିଙ୍ଗ କହିଛନ୍ତି, ଏହି ସ୍ୱାସ୍ଥ୍ୟକାର୍ଡ ମାଧ୍ୟମରେ ଦେଶର ୨୭ ହଜାର ହସ୍‌ପିଟାଲରେ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟସେବା ମିଳିବ। ୬୭ ଲକ୍ଷ ପରିବାରକୁ ଆୟୁଷ୍ମାନ ଭାରତ ଯୋଜନାରେ ଚିକିତ୍ସା ବାବଦରେ ବର୍ଷକୁ ୫ ଲକ୍ଷ ଟଙ୍କାର ସହାୟତା ମିଳିବ। ଅବଶିଷ୍ଟ ୩୩ ଲକ୍ଷ ପରିବାରକୁ ଗୋପବନ୍ଧୁ ଜନଆରୋଗ୍ୟ ସ୍ୱାସ୍ଥ୍ୟ ଯୋଜନାରେ ପରିବାରର ପୁରୁଷଙ୍କ ପାଇଁ ୫ ଲକ୍ଷ ଏବଂ

ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସହାୟତା ମିଳିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ ସୂଚନା ଦେଇଛନ୍ତି।

## ଏମ୍.ବି.ବି.ଏସ୍. ପରୀକ୍ଷାଫଳ

ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ପ୍ରଥମବର୍ଷ ଏମ୍.ବି.ବି.ଏସ୍. ପରୀକ୍ଷାଫଳ ପ୍ରକାଶ ପାଇଛି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତିରେ ଆଜି ପରୀକ୍ଷା ଫଳ ପ୍ରକାଶ ପାଇଥିବା ବିଶ୍ୱବିଦ୍ୟାଳୟ କୁଳପତି ଡାକ୍ତର ମାନସ ରଞ୍ଜନ ସାହୁ ସୂଚନା ଦେଇଛନ୍ତି। ଏହି ଅବସରରେ ଆଜି ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ସହ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର ବିଭିନ୍ନ ସଂସ୍ଥା ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶା ଆଗକୁ ବଢ଼ିଛି। ରାଜ୍ୟବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ରାଜ୍ୟରେ ଥିବା ମେଡିକାଲ କଲେଜ୍‌ଗୁଡ଼ିକରେ ଉନ୍ନତ ଏବଂ ଗବେଷଣାତ୍ମକ ଶିକ୍ଷା ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ଗବେଷଣା କ୍ଷେତ୍ରରେ ପାରଦର୍ଶିତା ବଢ଼ାଇବା ପାଇଁ ଏହି ରାଜିନାମା ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥା ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବିଶେଷଜ୍ଞ ଡାକ୍ତରମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ।

## ଭଦ୍ରକ-ପୁଲିସ୍ ମହାନିର୍ଦ୍ଦେଶକ

ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ ଆଜି ଭଦ୍ରକ ଜିଲ୍ଲା ଗସ୍ତରେ ଯାଇ ସ୍ଥିତିର ସମୀକ୍ଷା କରିଛନ୍ତି। ବରିଷ୍ଠ ପୁଲିସ୍ ଅଧିକାରୀମାନଙ୍କ ସହ ଆଲୋଚନା କରିବା ପରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଖୁରାନିଆ

କହିଛନ୍ତି, ଭଦ୍ରକ ସହରରେ ପରିସ୍ଥିତିରେ ସୁଧାର ଆସିଛି ଏବଂ ଆସନ୍ତାକାଲିଠାରୁ ଇଣ୍ଟରନେଟ୍ ସେବା ସ୍ୱାଭାବିକ ହେବ। ଶାନ୍ତି ବଜାୟ ରଖିବା ସହ କୌଣସି ପ୍ରକାର ଗୁଜବ ଉପରେ ବିଶ୍ୱାସ କରି ସାମାଜିକ ଗଣମାଧ୍ୟମରେ ଆପତ୍ତିଜନକ ମନ୍ତବ୍ୟ ନ ଦେବାକୁ ପୁଲିସ୍ ମହାନିର୍ଦ୍ଦେଶକ ଜନସାଧାରଣଙ୍କୁ ସତର୍କ କରାଇଛନ୍ତି।

ଭଦ୍ରକରେ ଗତ ୩ ଦିନ ତଳେ ଦେଖାଦେଇଥିବା ଉତ୍ତେଜନାମୂଳକ ପରିସ୍ଥିତିରେ ସାମିଲ ହୋଇଥିବା ଅଭିଯୋଗରେ ବର୍ତ୍ତମାନସୁଦ୍ଧା ୩୩ ଜଣଙ୍କୁ ଗିରଫ କରାଯାଇଛି। ଭଦ୍ରକ, ଧାମନଗର ଏବଂ ଏହାର ଆଖପାଖ ଅଂଚଳରେ ଧାରା ୧୬୩ ବଳବତ୍ତର ରହିଛି।

ଭଦ୍ରକ ଜିଲ୍ଲାରେ ସ୍ଥିତ ସମୀକ୍ଷା ପରେ ପୁଲିସ୍ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ ସନ୍ଧ୍ୟାରେ ବାଲେଶ୍ୱର ଗସ୍ତ କରି ଜିଲ୍ଲାର ଆଇନ୍‌ଶୃଙ୍ଖଳା ସ୍ଥିତି ସମୀକ୍ଷା କରିଛନ୍ତି।

## ବସ୍‌ଭଡା-ଦିବ୍ୟାଙ୍ଗ

ଦିବ୍ୟାଙ୍ଗମାନଙ୍କ ପାଇଁ ବସ୍‌ରେ ଭଡା ବାବଦରେ ୫୦ ପ୍ରତିଶତ ରିହାତି ସହିତ ସିଟ୍ ସଂରକ୍ଷଣ କରିବା ପାଇଁ ପଦକ୍ଷେପ ନେବାକୁ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡ୍ ପରିଦର୍ଶନ କରିବା ଅବସରରେ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି, ଦିବ୍ୟାଙ୍ଗମାନଙ୍କ ଅଭିଯୋଗ ପରେ ସେମାନଙ୍କ ପାଇଁ ନିର୍ଦ୍ଧାରିତ ୫୦ ପ୍ରତିଶତ ବସ୍‌ଭଡା ରିହାତି ଦିଆଯିବ।

## ଦିଲ୍ଲୀ ଗସ୍ତ-ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲିଠାରୁ ଦୁଇଦିନିଆ ଦିଲ୍ଲୀ ଗସ୍ତରେ ଯିବେ । ଗସ୍ତ କାଳରେ ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀରେ ନିବେଶକମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଆସନ୍ତାବର୍ଷ ଜାନୁୟାରୀ ୨୮ ଓ ୨୯ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା ସମ୍ମିଳନୀ' ପାଇଁ ମୁଖ୍ୟମନ୍ତ୍ରୀ ନିବେଶକମାନଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡିଛି । ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜ୍ୟ ଶିଳ୍ପ ବିଭାଗର ଏକ ପ୍ରତିନିଧି ମଣ୍ଡଳୀ ମଧ ଦିଲ୍ଲୀ ଗସ୍ତ କରିବେ ।

## ମୁଖ୍ୟମନ୍ତ୍ରୀ-ଝାଡ଼ଖଣ୍ଡ

ଝାଡ଼ଖଣ୍ଡରେ ଥିବା ୧୩୬ଟି ଓଡ଼ିଆ ବିଦ୍ୟାଳୟର ଶିକ୍ଷକଙ୍କୁ ୩ ହଜାର ଟଙ୍କା ବଦଳରେ ମାସକୁ ୬ ହଜାର ଟଙ୍କା ଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କହିଛନ୍ତି । ଝାଡ଼ଖଣ୍ଡର ପ୍ରାକ୍ ନିର୍ବାଚନ ପ୍ରଚାରରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପଶ୍ଚିମ ସିଂହଭୂମିରେ ୨୯୪ଟି ଗାଁରେ ପ୍ରାୟ ୮୦ ପ୍ରତିଶତ ଲୋକ ଓଡ଼ିଆରେ କଥାବାର୍ତ୍ତା କରିଥାନ୍ତି ।

## ସଫେଇମିତ୍ର-ସ୍ୱାସ୍ଥ୍ୟ ପରୀକ୍ଷା

ଆକାଶବାଣୀ କଟକ କେନ୍ଦ୍ର ପରିସରରେ ସ୍ୱଚ୍ଛତା ହିଁ ସେବା-୩.୦ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କ୍ରମରେ ଆଜି ସଫେଇ ମିତ୍ରଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା । ଏହା ସହ ସ୍ୱଚ୍ଛତା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ସଫେଇମିତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଭି.ଏମ୍. ରତ୍ନପ୍ରସାଦ, ପ୍ରଶାସନିକ ଅଧିକାରୀ ହେମନ୍ତ

କୁମାର ସ୍ୱାଇଁ, ସ୍ୱଚ୍ଛତା ହିଁ ସେବାର ନୋଡାଲ ଅଫିସର ସଞ୍ଜୁଲତା ନାୟକଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସୂଚନା ଅନୁସାରେ, ସ୍ୱଚ୍ଛତା ହିଁ ସେବା ଅଭିଯାନରେ ଅନୁଷ୍ଠାନ ପରିସରରେ ପର୍ଯ୍ୟାୟକ୍ରମେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

## ମହାଳୟା

ପିତୃପକ୍ଷ ଅଥବା ଅପରପକ୍ଷର ଅନ୍ତିମ ଦିବସ ମହାଳୟା ଅବସରରେ ଆସନ୍ତାକାଲି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ, ଶ୍ରାଦ୍ଧ ଓ ପିଣ୍ଡଦାନ କରାଯିବ । ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଶ୍ରଦ୍ଧାଳୁମାନଙ୍କ ସମାଗମକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେହିପରି ମହାଳୟା ପାଇଁ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଆସନ୍ତାକାଲି ସକାଳ ୫ଟା ପରେ ମାଆ ସମଲେଶ୍ୱରୀ ଧବଳମୁଖୀ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେବେ। ଶ୍ରଦ୍ଧାଳୁମାନେ କେବଳ ୪ ନମ୍ବର ଗେଟ ଦେଇ ମାଆଙ୍କ ଦର୍ଶନ କରିପାରିବେ ବୋଲି ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ବରିଷ୍ଠ ନାଗରିକ ଦିବସ

ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଆଜି ପାଳନ କରାଯାଉଛି । ବରିଷ୍ଠ ନାଗରିକଙ୍କ ଅଭିଜ୍ଞତା ଏବଂ ବୁଦ୍ଧିମତାକୁ ସମ୍ମାନ ପ୍ରଦର୍ଶନ ଲକ୍ଷ୍ୟରେ ପ୍ରତ୍ୟେକ ବର୍ଷ ଅକ୍ଟୋବର ପହିଲାରେ ସମଗ୍ର ବିଶ୍ୱରେ ଏହି ଦିବସ ପାଳନ କରାଯାଉଛି ।

ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି। **ବୌଦ୍ଧ** ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତରଫରୁ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି **ନୟାଗଡ଼** ଜିଲ୍ଲା ପଠାଣି ସାମନ୍ତ ପ୍ରେକ୍ଷାଳୟରେ ଆଜି ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ କହିଛନ୍ତି, ବରିଷ୍ଠ ନାଗରିକଙ୍କ ଅଭିଜ୍ଞତା ନୂଆ ପିଢ଼ିଙ୍କ ବିକାଶ ପାଇଁ ଆବଶ୍ୟକ। ଏହି ଅବସରରେ ଏକ ଯୋଗଶିବିର ଆୟୋଜିତ ହୋଇଥିଲା।

## ରକ୍ତଦାନ ଦିବସ

ସ୍ୱେଚ୍ଛାକୃତ ରକ୍ତଦାନକୁ ପ୍ରୋତ୍ସାହିତ କରିବା, ରକ୍ତ ସଂଗୃହିତ କେନ୍ଦ୍ରଗୁଡିକ ପାଇଁ ଅନ୍ୟାନ୍ୟ ଆବଶ୍ୟକ ଭିତ୍ତିଭୂମି ପ୍ରଦାନ ଏବଂ ଜାତୀୟ ରକ୍ତ ନୀତିକୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ଆଜି ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳନ କରାଯାଉଛି । 'ରକ୍ତଦାନ, ମହତ ଦାନ' ଏ ସମ୍ପର୍କରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । **ମୁଖ୍ୟମନ୍ତ୍ରୀ** ମୋହନଚରଣ ମାଝୀ ସମସ୍ତ ରକ୍ତଦାତା ଏବଂ ଏଥିସହ ଜଡିତ ଅନୁଷ୍ଠାନଗୁଡିକ ଶୁଭେଚ୍ଛା ଜଣାଇଛନ୍ତି । ରକ୍ତର ଆବଶ୍ୟକତାକୁ ପୂରଣ କରିବା ଲାଗି ରାଜ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନକୁ ବ୍ୟାପକ କରାଯିବା ଉପରେ ସେ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଗୁରୁତ୍ୱାରୋପ କରିଛନ୍ତି । **ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ** ଡକ୍ଟର ମୁକେଶ ମହାଲିଙ୍ଗଙ୍କ ଶୁଭେଚ୍ଛା ବାର୍ତ୍ତାରେ ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହ

ଅନ୍ୟର ଜୀବନ ବଞ୍ଚାଇବାକୁ ଆହ୍ୱାନ ଦେଇଛନ୍ତି ।  ଏହି ଦିବସ ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଭୁବନେଶ୍ୱର କ୍ୟାପିଟାଲ ହସ୍‌ପିଟାଲ୍‌ରେ ଆୟୋଜିତ ସଚେତନତା ପଦଯାତ୍ରାରେ ସାମିଲ ହୋଇ ରକ୍ତଦାନ ଶିବିର ଉଦ୍‌ଘାଟନ କରିଛନ୍ତି । **କେନ୍ଦୁଝର** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏହି ଦିବସ ପାଳିତ ହୋଇଛି । ଏଥିରେ ରକ୍ତଦାନକୁ ବିପ୍ଲବରେ ପରିଣତ କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ ।

## ସ୍ୱଚ୍ଛତା ହିଁ ସେବା

ଭୁବନେଶ୍ୱର ଆଂଚଳିକ ଭେଷଜ ଗବେଷଣା କେନ୍ଦ୍ରର ସହଯୋଗରେ ନବରଙ୍ଗପୁର ଜିଲ୍ଲାରେ ସ୍ୱଚ୍ଛତା ମାଧ୍ୟମରେ ଉନ୍ନତମାନର ସ୍ୱାସ୍ଥ୍ୟ, ପୋଷଣ ଓ ପରିବେଶ ସୁରକ୍ଷାର ବାର୍ତ୍ତା ଦିଆଯାଉଛି । ଆସନ୍ତାକାଲି ପର୍ଯ୍ୟନ୍ତ ହେବାକୁଥିବା ସ୍ୱଚ୍ଛତା ଅଭିଯାନରେ ବିଦ୍ୟାଳୟ, ମହାବିଦ୍ୟାଳୟ ସହିତ ବିଭିନ୍ନ ଅଫିସ୍‌ର କର୍ମଚାରୀମାନେ ସାମିଲ ହୋଇ ସ୍ୱଚ୍ଛତା ସମ୍ବନ୍ଧରେ ଲୋକମାନଙ୍କୁ ସଚେତନ କରୁଛନ୍ତି ।

## ଦୁର୍ଗାପୂଜା

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁରଠାରେ ଦୁର୍ଗାପୂଜା ନେଇ ଉପଜିଲ୍ଲାପାଳ ଦିନା ଦସ୍ତଗୀରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ ବ୍ରହ୍ମପୁର ସହରରେ ୪୨ଟି ମଣ୍ଡପରେ ମା’ ଦୁର୍ଗା ପୂଜା ପାଇବେ । ଶାନ୍ତିଶୃଙ୍ଖଳାର ସହିତ  ଦୁର୍ଗାପୂଜାକୁ  ସମ୍ପନ୍ନ କରିବା ପାଇଁ ବୈଠକରେ ନିଷ୍ପତ୍ତି

ନିଆଯାଇଛି । ମା’ ଦୁର୍ଗାଙ୍କ ବିସର୍ଜନ ପାଇଁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ୪ଟି ସ୍ଥାନରେ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇଛି ।

## ପାଣିପାଗ

ବଙ୍ଗୋପସାଗରରେ ଆସନ୍ତା ୬ ତାରିଖରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି । ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହାର ପ୍ରଭାବରେ ଆସନ୍ତା ୬ ତାରିଖରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷାର ହେବାର ସମ୍ଭାବନା ରହିଛି ।

***********************************